## କୃଷି ସୂଚନା ସେବା (ଧାନ)
## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**୨୦୧୫ ମସିହା ମେ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଖାଲୁଆ ଏବଂ ମଝିଆଲି ଖାଲୁଆ ସିଧାବୁଣା ଧାନ ପାଇଁ ଜମି ପ୍ରସ୍ତୁତି କରନ୍ତୁ । ସେଥିପାଇଁ ୨-୩ ଥର ମାଟିକୁ ଭଲଭାବେ ଚାଷ କରି ସମତୁଲ କରିଦେବା ଆବଶ୍ୟକ । ଯେଉଁଠାରେ ମାଟି ହାଲୁକା ହୋଇଥାଏ ସେଠାରେ ରୋଟାଭେଟର ବ୍ୟବହାର କରି ମାଟିକୁ ଗୁଣ୍ଡକରି ଜମି ପ୍ରସ୍ତୁତି କରିଦିଅନ୍ତୁ ।
- ଶେଷ ପର୍ଯ୍ୟାୟ ଚାଷ ସମୟରେ ହେକ୍ଟର ପିଛା ୨ ଟନ୍ ହିସାବରେ ଗୋବର ଖତ ପ୍ରୟୋଗ କରନ୍ତୁ ।
- ପ୍ରାକ୍ ମୌସୁମୀ ବର୍ଷା ପରେ ଶୁଖିଲା ତଳିଘରା ପ୍ରସ୍ତୁତି ପାଇଁ ଜମି ପ୍ରସ୍ତୁତି କରିବା ଆବଶ୍ୟକ ।
- ମଝିଆଲି ଖାଲୁଆ ଜମି ପାଇଁ ସାବିତ୍ରୀ, ଶାରଳା ଏବଂ ଖାଲୁଆ ଜମି ପାଇଁ ଦୁର୍ଗା ଏବଂ ବର୍ଷାଧାନ ଇତ୍ୟାଦି କିସମ ବ୍ୟବହାର କରିବା ଦରକାର । ଉତ୍ତମ ମାନର ବିହନ କୃଷି ବିଶ୍ୱବିଦ୍ୟାଳୟ ଗବେଷଣା ଅନୁଷ୍ଠାନ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ ସ୍ତରରେ ଥିବା କୃଷି କାର୍ଯ୍ୟାଳୟ ଏବଂ ଭଲମାନର ବିହନ ଯୋଗାଉଥିବା ଫାର୍ମରୁ ସଂଗ୍ରହ କରନ୍ତୁ ।
- ରୁଆ ଧାନରେ ପୂର୍ବରୁ ବୁଣିବାପାଇଁ ସବୁଜସାର ପାଇଁ ଧନିଚାର ବିହନ ଉପର ଲିଖିତ ସ୍ଥାନରୁ ସଂଗ୍ରହ କରନ୍ତୁ ।

*****